بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୧ ନଭେମ୍ବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ତବୁକ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍‌ହ୍‌ଦହୁ ଲାଶରିକା ଲହୁ ୱ୍‌ଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ୍‌ରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ୍ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱ୍‌ଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ମୁଁ ତବୁକ୍ ଯୁଦ୍ଧ ପ୍ରସଙ୍ଗରେ ବର୍ଣ୍ଣନା କରିଥିଲି, ଏହି ଯାତ୍ରାର ଅତିରିକ୍ତ ଘଟଣାବଳୀ ଆଜି ଆଲୋଚନା କରିବି । ତେବେ ସେହି ଅବସରରେ କପଟବିଶ୍ୱାସୀଙ୍କର ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କୁ କଷ୍ଟ ପହଞ୍ଚାଇବାର ମଧ୍ୟ ବର୍ଣ୍ଣନା ଉଲ୍ଲେଖ ରହିଛି । ତାହା ଏହିକି ଯେ, ତବୁକ୍ ଯୁଦ୍ଧ ସଙ୍ଘଟିତ ହେବାର ମୂଳରେ ବାସ୍ତବରେ ୟହୁଦି, ଖ୍ରୀଷ୍ଟଧର୍ମୀ ଓ କପଟବିଶ୍ୱାସୀଙ୍କର ମିଳିତ ଷଡଯନ୍ତ୍ର (ପ୍ରଚ୍ଛନ୍ନ) ରହିଥିଲା । ମଦିନାରୁ ତବୁକ୍ ପର୍ଯ୍ୟନ୍ତ ଯାତ୍ରା କରିବା ଅସଲରେ ମୃତ୍ୟୁର ଉପତ୍ୟାକା ମଧ୍ୟ ଦେଇ ଯାତ୍ରା କରିବା ପରି ଥିଲା । କପଟବିଶ୍ୱାସୀମାନେ ଏହି ଅବସରରେ ଏହି ଚକ୍ରାନ୍ତ କରିଥିଲେ, ଯେ ପ୍ରତ୍ୟାବର୍ତ୍ତନ କରିବା ସମୟରେ ଗୋଟିଏ ସ୍ଥାନ ଏପରି ଥିଲା, ଯେଉଁଠାରୁ ଆଗକୁ ମାର୍ଗ ଦୁଇ ଭାଗରେ ବିଭକ୍ତ ହେଉଥିଲା । ଗୋଟିଏ ଉପତ୍ୟାକାର ସୁଦୀର୍ଘ ପଥ, ଅନ୍ୟଟି ଅତ୍ୟନ୍ତ ଦୁରୂହ ତଥା ସଂକିର୍ଣ୍ଣ ଘାଟିପୂର୍ଣ୍ଣ ପଥ । ଯଦିଚ ଏହି ମାର୍ଗଟି ସ୍ୱଳ୍ପ ଦୂରତା ବିଶିଷ୍ଟ ଥିଲା । ତେଣୁ କପଟବିଶ୍ୱାସୀମାନେ ଏହି ଷଡଯନ୍ତ୍ର ରଚିଲେ, ଯେ ଯେତେବେଳେ ଘାଟି ମଧ୍ୟ ଦେଇ ମୁସଲମାନମାନେ ଅତିକ୍ରମ କରିବେ ସେତେବେଳେ ମୁସଲମାନମାନଙ୍କ ଭିଡ ଓ ରାତ୍ରୀର ଅନ୍ଧକାରରେ ସମସ୍ତ କପଟବିଶ୍ୱାସୀ ହଜରତ ମୁହମ୍ମଦ[ସ.ଅ]ଙ୍କ ଓଟ ଚତୁର୍ପାର୍ଶ୍ୱରେ ରୁଣ୍ଡ ହୋଇ ଓଟକୁ ଘାଟିର ଏକ ପାର୍ଶ୍ୱକୁ ଘେନି ଅଣିବେ ଏବଂ ପାଲିଙ୍କିର ରସିକୁ କାଟି ଦେବେ । ଏପରି ଓଟ ମହାଭାଗଙ୍କୁ ନଉଜୁବିଲ୍ଲାଃ ଖାଇରେ ପକାଇ ଦେବ । କିନ୍ତୁ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ନବୀଶ୍ରେଷ୍ଠ[ସ.ଅ]ଙ୍କୁ କପଟବିଶ୍ୱାସୀଙ୍କର ଏହି ଚକ୍ରାନ୍ତ ସଂକ୍ରାନ୍ତରେ ସୂଚିତ କରିଦେଲେ । ସୁତରାଂ ପୁଣ୍ୟଶ୍ଳୋକ ଏହି ଘୋଷଣା କରିଦେଲେ ଯେ, ଆପଣ ଓ ଆପଣ[ସ.ଅ]ଙ୍କ ତିନି ଜଣ ସାଥୀଙ୍କ ବ୍ୟତୀତ କୌଣସି ବ୍ୟକ୍ତି ଘାଟି ରାସ୍ତାରେ ଯିବେ ନାହିଁ ।

ଏହା ସତ୍ତ୍ୱେ କପଟବିଶ୍ୱାସୀମାନେ ତତ୍ କ୍ଷଣାତ ଏହି ଯୋଜନା ପ୍ରସ୍ତୁତ କରିନେଲେ ଯେ, ୧୨/୧୫ଜଣ ଲୋକ ନିଜ ଚେହେରା କପଡାରେ ଢ଼ାଙ୍କି ତୀବ୍ର ବେଗରେ ଘାଟି ଆଡ଼କୁ ବାହାରି ଯାନ୍ତୁ ଓ ହଠାତ୍ ଓଟକୁ ତଡ଼ିବା ଆରମ୍ଭ କରିଦିଅନ୍ତୁ । ଯାହା ଫଳରେ (ମହାଭାଗଙ୍କ) ଓଟ ହୁରୁଡ଼ି ଯିବ ଓ ନଉଜୁବିଲ୍ଲାଃ ଦୁର୍ଘଟଣା ଘଟିବ ଏବଂ ଆମାନଙ୍କୁ ନିଜ ଅଭିଳାଷ ଅନୁଯାୟୀ ସଫଳତା ପ୍ରାପ୍ତ ହୋଇଯିବ । ମହାଭାଗ ଯେତେବେଳେ ଘାଟି ମଧ୍ୟ ଦେଇ ଆଗକୁ ଅଗ୍ରସର ହେଉଥିଲେ ସେତେବେଳେ ଅକସ୍ମାତ୍ କିଛି ଲୋକଙ୍କ ଶବ୍ଦ ଶୁଣିଲେ ଓ ସେମାନେ ଓଟ ନିକଟକୁ ଆସି ତାହାକୁ ଭୟଭୀତ କରାଇବାକୁ ଲାଗିଲେ । ଏହା ଫଳରେ କିଛି ସାମଗ୍ରୀ ମଧ୍ୟ ଖସି ପଡିଲା । ଏଥିରେ ମହାଭାଗ ହଜରତ ହୁଜେଫା[ର.ଅ]ଙ୍କୁ ଆଦେଶ ଦେଲେ ଯେ, ଏହି କପଟବିଶ୍ୱାସୀଙ୍କ ଉପରେ ଆକ୍ରମଣ

କରି ତାଙ୍କୁ ଭୟଭୀତ କରାନ୍ତୁ । ଅତଃ ହଜରତ ହୁଜେଫା[ର.ଅ] ଏକ ଠେଙ୍ଗା ସାହାଯ୍ୟରେ କପଟବିଶ୍ୱାସୀଙ୍କ ବାହାନଗୁଡ଼ିକୁ ପ୍ରହାର କରିବାକୁ ଲାଗିଲେ ଓ କହିଲେ; ହେ ଅଲ୍ଲାଃଙ୍କ ଶତ୍ରୁମାନେ ! ଗୋଟିଏ ପାର୍ଶ୍ୱକୁ ହଟିଯାଅ । କପଟବିଶ୍ୱାସୀମାନେ ବୁଝିଗଲେ ଯେ ହଜରତ ମୁହମ୍ମଦ[ସ.ଅ]ଙ୍କୁ ସେମାନଙ୍କ ଚକ୍ରାନ୍ତ ସଂକ୍ରାନ୍ତରେ ଜ୍ଞାତ ହୋଇଯାଇଛି । ତେଣୁ ସେମାନେ ସଙ୍ଗେସଙ୍ଗେ ଏକ ପାର୍ଶ୍ୱକୁ ହଟିଯାଇ ମୁସଲମାନ ସେନା ସହିତ ମିଶିଗଲେ ।

ଗୋଟିଏ ବର୍ଣ୍ଣନା ଅନୁଯାୟୀ ମହାଭାଗ ସେହି କପଟବିଶ୍ୱାସୀଙ୍କ ନାମ ନେଇ (ସାହାବାଙ୍କୁ) ଅବଗତ କରିଦେଇଥିଲେ । ବସ୍ତୁତଃ ହୁଜୁର[ସ.ଅ] ହଜରତ ହୁଜେଫା[ର.ଅ]ଙ୍କୁ କହିଲେ; ମୁଁ ତୁମକୁ ଏକ ଗୁପ୍ତ କଥା କହିବି । ତା'ପରେ ମହାଭାଗ କହିଲେ; ସର୍ବଶକ୍ତିମାନ ଅଲ୍ଲାଃ ମୋତେ ସେହି ଆକ୍ରମଣକାରୀଙ୍କ ନାମ ଜଣାଇ ଦେଇଛନ୍ତି ଓ ମୋତେ ସେମାନଙ୍କ ନମାଜ ଜନାଯାଃ ପାଠ ନକରିବାକୁ ଆଦେଶ ଦେଇଛନ୍ତି । ମକ୍କା ବିଜୟ ହେବା ପରେ କପଟବିଶ୍ୱାସୀଙ୍କ ଷଡଯନ୍ତ୍ରରେ ତୀବ୍ରତା ଆସି ଯାଇଥିଲା । ଯେତେବେଳେ ସେମାନେ ଦେଖିଲେ ଯେ, ୟହୁଦିଙ୍କ ଗୋଷ୍ଠୀ ଏବେ ନିଜ ଶକ୍ତି ହରାଇ ବସିଛନ୍ତି ସେତେବେଳେ ସେମାନେ ଆରବ ଦେଶ ବାହାରୁ କୈସର୍ ରୋମ୍ ପରି ଶକ୍ତିଶାଳୀ ସାମ୍ରାଜ୍ୟରୁ ସାହାଯ୍ୟ ମାଗିବାର ଯୋଜନା ପ୍ରସ୍ତୁତ କଲେ । ଏଥି ସହିତ ସେମାନେ ମଦିନାରେ ନିଜର ଏକ ସ୍ଥାୟୀ କେନ୍ଦ୍ରସ୍ଥଳୀ ଗଠନ କଲେ । କପଟବିଶ୍ୱାସୀଙ୍କର ଯୋଜନା ଥିଲା ଯେ, ଏକ ଏପରି କେନ୍ଦ୍ରସ୍ଥଳୀ ସ୍ଥାପନ କରାଯାଉ ଯେଉଁଠାରେ ମୁସଲମାନମାନଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରାଯିବ ଓ ସେଠାରେ ଅସ୍ତ୍ରଶସ୍ତ୍ର ମଧ୍ୟ ସଂରକ୍ଷିତ କରାଯାଇ ପାରିବ । କିନ୍ତୁ ସେହି କେନ୍ଦ୍ରସ୍ଥଳୀ ଏପରି  ହେବା ଉଚିତ୍, ଯେ ତାହାର ସୁରାଗ ମଧ୍ୟ ଯେପରି ମୁସଲମାନମାନଙ୍କୁ ମିଳିବ ନାହିଁ ।

ଅବୁ ଆମିର୍ ଯିଏକି (ସମସ୍ତଙ୍କ ଦୃଷ୍ଟିରୁ) ଅନ୍ତର୍ଦ୍ଧାନ ହୋଇ ଯାଇଥିଲା । ଏକଦା ହଠାତ୍ ଆସି ପହଞ୍ଚିଲା ଏବଂ ପ୍ରୋପଗାଣ୍ଡାକାରୀ ତାହାକୁ ଅବୁ ଆମିର୍ ରାହିବ୍ (ସନ୍ନ୍ୟାସୀ) କହିବା ଆରମ୍ଭ କରିଦେଲେ । ଅବୁ ଆମିର୍ ଖଜରଜ୍ କବିଲା (ଗୋଷ୍ଠୀ) ସହିତ ସମ୍ପର୍କ ରଖୁଥିଲା । ହୁଜୁର[ସ.ଅ] ମଦିନା ଆସିବା ପରେ ସେ ମକ୍କା ଚାଲି ଯାଇଥିଲା ଓ ସେ କୁରୈଶମାନଙ୍କୁ ହୁଜୁର[ସ.ଅ]ଙ୍କ ସହିତ ଯୁଦ୍ଧ କରିବାକୁ ଉସୁକାଉ ଥିଲା । ମହାଭାଗ ତାହାକୁ ଏହି ଅଭିଶାପ ଦେଇଥିଲେ, ଯେ ସେ ନିଜ ମାତୃଭୂମିରୁ ଦୂରରେ ନିର୍ଜନ ଅର୍ଥାତ୍ ଅଜଣା ଅଚିହ୍ନା ଦେଶରେ ମୃତ୍ୟୁବରଣ କରିବ । ଅବୁ ଆମିର୍ ହିଁ କପଟବିଶ୍ୱାସୀମାନଙ୍କୁ ଏହି କୁମନ୍ତ୍ରଣା ଦେଇଥିଲା ଯେ, ତୁମେମାନେ କବା ଠାରେ ଏକ ମସଜିଦ୍ ନିର୍ମାଣ କର ଓ ତାହାକୁ ନିଜ ଷଡଯନ୍ତ୍ରର କେନ୍ଦ୍ର (ଅର୍ଥାତ୍ ଆଡ୍ଡା) କରି ଯୁଦ୍ଧ ପ୍ରସ୍ତୁତି କର । ତା'ପରେ ସେ (ଅବୁ ଆମିର୍) ରୋମି ସାମ୍ରାଜ୍ୟ ଆଡ଼କୁ ପଳାୟନ କରିଥିଲା । ଆଉ ସିରିୟାରେ ରୋମି ସମ୍ରାଟ କୈସର୍‌କୁ ମୁସଲମାନମାନଙ୍କ ସମ୍ବନ୍ଧରେ ଭ୍ରମିତ କରୁଥିଲା ଓ ତାକୁ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇଲା । ସେ କୈସର୍‌କୁ କହିଲା; ମୁସଲମାନମାନେ ସ୍ୱଳ୍ପ ସଂଖ୍ୟକ, ଦୁର୍ବଳ, ଅସହାୟ ଓ ଗରିବ ଶ୍ରେଣୀର ଲୋକ । ଆଉ ସେମାନଙ୍କର ଶତ୍ରୁ ଢ଼େର ଅଧିକ ରହିଛନ୍ତି, ତେଣୁ ତୁମକୁ ଭୟ କରିବାର ଆବଶ୍ୟକତା ନାହିଁ । କିନ୍ତୁ ଯଦି ତୁମେ ଏବେ ସେମାନଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ଗ୍ରହଣ ନକଲ ତେବେ ଭବିଷ୍ୟତରେ ଏହା ତୁମ ସାମ୍ରାଜ୍ୟ ପାଇଁ କିଛି ଭଲ ହେବ ନାହିଁ, ବରଂ ବିପଦପୂର୍ଣ୍ଣ ସାବ୍ୟସ୍ତ ହେବ । ହରକଲ୍ ତାହାକୁ ନିଜ ପାଖରେ ରଖିଲା ଓ ଆଶ୍ୱାସନା ଦେଲା ତଥା ପ୍ରତିଶୃତି ଦେଲା ଯେ, ତୁମକୁ ସାହାଯ୍ୟ କାରଯିବ । ଇତି ମଧ୍ୟରେ ଅବୁ ଆମିର୍ ନିଜ ସହଧର୍ମୀ ଷଡଯନ୍ତ୍ରକାରୀଙ୍କୁ ସୁସମାଚାର ଦେଲା ଯେ, ଖୁବ୍ ଶୀଘ୍ର (ମୁଁ) ଏକ ବିଶାଳ ସେନା ବାହିନୀ

ସାଥିରେ ନେଇ ଆସିବି ଓ ମଦିନା ଉପରେ ଆକ୍ରମଣ କରିବି । ସୁତରାଂ ତୁମେମାନେ ମୋ ପାଇଁ ଏକ ସୁଦୃଢ଼ ଅଟ୍ଟାଳିକା ନିର୍ମାଣ କର । ଏଥିପାଇଁ କପଟବିଶ୍ୱାସୀମାନେ କବା'ରେ ଏକ ମସଜିଦ୍ ତିଆରୀ କଲେ । ତାହାକୁ 'ମସଜିଦ୍ ଜରାର୍' ନାମରେ ଅଭିହିତ କରାଯାଇଥିଲା, ଅବୁ ଆମିର୍‌ର ଏହି ଅଭିଳାଷ ପୂରଣ ହେଲା ନାହିଁ ଓ ପରିଶେଷରେ ସେ ସିରିୟାରେ ଅର୍ଥାତ୍ ପରଦେଶରେ ଏକାକୀ ଓ ଅପଦସ୍ଥ ହୋଇ ୯ ଅବା ୧୦ହିଜ୍‌ରୀରେ ମୃତ୍ୟୁବରଣ କଲା । ଯେତେବେଳେ ଆମେ ଯାତ୍ରାରୁ ପ୍ରତ୍ୟାବର୍ତ୍ତନ କରିବୁ ସେତେବେଳେ ଉକ୍ତ ମସଜିଦ୍‌ରେ ନମାଜ ପାଠ କରିବା ।

ଯେତେବେଳେ କପଟବିଶ୍ୱାସୀମାନେ ମସଜିଦ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିନେଲେ ସେତେବେଳେ ହୁଜୁର[ସ.ଅ]ଙ୍କୁ ନିବେଦନ କଲେ ମହାଭାଗ ସେମାନଙ୍କ ମସଜିଦ୍‌ରେ ନମାଜ ପାଠ କରନ୍ତୁ । ସଂଯୋଗ ବଶତଃ ସେତେବେଳେ ହୁଜୁର[ସ.ଅ] ତବୁକ୍ ଯୁଦ୍ଧ ପାଇଁ ପ୍ରସ୍ତୁତି କରୁଥିଲେ । ହୁଜୁର[ସ.ଅ] ତାଙ୍କୁ ଉତ୍ତର ଦେଇ କହିଲେ; ଏବେ ତ ମୁଁ ବ୍ୟସ୍ତ ଅଛି, ଯାତ୍ରା ନିମନ୍ତେ ପ୍ରସ୍ତୁତି କରୁଅଛି । ପୁନଶ୍ଚ ଯେତେବେଳେ ମହାଭାଗ ତବୁକ୍ ଯୁଦ୍ଧରୁ ଫେରିଲେ ସେତେବେଳେ ପରାକ୍ରମୀ ଅଲ୍ଲାଃ ଓ୍ୱହି ମାଧ୍ୟମରେ ଆପଣଙ୍କୁ ଏହି ସୂଚନା ଦେଇ କହିଲେ; "ସେହି ଲୋକମାନେ ଯେ ଦୁଃଖକଷ୍ଟ ପହଞ୍ଚାଇବା ଓ ଅବିଶ୍ୱାସ ପରିବ୍ୟାପ୍ତ କରିବା ତଥା ବିଶ୍ୱାସକାରୀଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରିବା ଏବଂ ଏପରି ଲୋକମାନଙ୍କୁ ଘାତ ଲଗାଇ ଆକ୍ରମଣ କରିବା ସକାଶେ ଯେଉଁମାନେ କି ପୂର୍ବରୁ ହିଁ ଅଲ୍ଲାଃ ଓ ତାହାଙ୍କ ରସୁଲ ସହିତ ଲଢ଼େଇ ଜାରି ରଖିଛନ୍ତି, (ସେମାନେ) ଏକ ମସଜିଦ୍ ନିର୍ମାଣ କରିଛନ୍ତି । ସେମାନେ ଅବଶ୍ୟ ଶପଥ କରି କହିବେ, ଯେ ଆମେମାନେ ଉପକାର ବ୍ୟତୀତ ଅନ୍ୟଥା କିଛି ଚାହୁଁ ନାହୁଁ । ଯେତେବେଳେ କି ଅଲ୍ଲାଃ ସାକ୍ଷ୍ୟ ଦେଉଛନ୍ତି, ଯେ ନିଶ୍ଚିତ ରୂପେ ସେମାନେ ମିଛ କହୁଛନ୍ତି ।" **ଏହି ଓ୍ୱହି ଅବତୀର୍ଣ୍ଣ ହେବା ପରେ ହୁଜୁର[ସ.ଅ] ଉକ୍ତ ମସଜିଦ୍‌କୁ ଧୂଳିଶାତ କରିବାକୁ ଆଦେଶ ଦେଲେ । ସୁତରାଂ ମହାଭାଗଙ୍କ ଆଦେଶକ୍ରମେ ସେହି ମସଜିଦ୍‌କୁ ନିଆଁ ଲଗାଇ ଜାଳି ଦିଆଗଲା** ।

ଯେତେବେଳେ ମହାଭାଗ ମଦିନାରେ ପହଞ୍ଚିଲେ ସେତେବେଳେ ଆପଣ ସେହି ଭୂଖଣ୍ଡକୁ ଆସିମ୍ ବିନ୍ ଅଦୀଙ୍କୁ ଦେବା ପାଇଁ ମନସ୍ଥ କଲେ । ଯଦ୍ଦ୍ୱାରା ସେ ସେଠାରେ ନିଜ ବାସଗୃହ ନିର୍ମାଣ କରିପାରିବେ । କିନ୍ତୁ ହଜରତ ଆସିମ୍[ର.ଅ] ପରାମର୍ଶ ଦେଲେ, ଯେ ଏହି ଜମି ସାବିତ୍ ବିନ୍ ଅର୍କମ୍[ର.ଅ]ଙ୍କୁ ପ୍ରଦାନ କରିଦିଅନ୍ତୁ । କାରଣ ତାଙ୍କ ନିକଟରେ ମୁଣ୍ଡ ଗୁଞ୍ଜିବା ପାଇଁ କୌଣସି (ଆବାସ) ନାହିଁ । ଅତଃ ହୁଜୁର[ସ.ଅ] ସେହି ଜମିଟିକୁ ସାବିତ୍ ବିନ୍ ଅର୍କମ୍[ର.ଅ]ଙ୍କୁ ଅର୍ପଣ କରିଦେଲେ ।

ହଜରତ ମୁସଲେହ୍ ମଉଦ[ର.ଅ] କୁହନ୍ତି; କପଟବିଶ୍ୱାସୀଙ୍କର ଏପରି ଭୟଙ୍କର ଷଡଯନ୍ତ୍ର ସତ୍ତ୍ୱେ ହୁଜୁର[ସ.ଅ] ସେମାନଙ୍କୁ କୌଣସି ପ୍ରକାରର ଶାରୀରିକ ଅବା ଆର୍ଥିକ ଦଣ୍ଡ ଦେଲେ ନାହିଁ । ତେବେ ପାଖାପାଖି ଦୁଇ ମାସର ଯାତ୍ରା କରିବା ପରେ ହୁଜୁର[ସ.ଅ] ମଦିନା ପ୍ରତ୍ୟାବର୍ତ୍ତନ କରୁଥିଲେ । ଯେତେବେଳେ ପବିତ୍ର ଅବତାରଙ୍କୁ ମଦିନାର ବସ୍ତି ଦୃଶ୍ୟମାନ ହେଲା ସେତେବେଳେ ମହାଭାଗ କହିଲେ; ଏ ହେଉଛି (ଓ୍ୱହଦ୍) ପର୍ବତ, ଯାହାକି ଆମକୁ ପ୍ରେମ କରେ ଓ ଆମେ ମଧ୍ୟ ତାହାକୁ ପ୍ରେମ କରୁଅଛୁ । ଅର୍ଥାତ୍ **ମଦିନାର ଗୋଟିଏ ଗୋଟିଏ ସ୍ଥାନକୁ ପୁଣ୍ୟଶ୍ଳୋକ ଖୁବ୍ ଭଲ ପାଉଥିଲେ** । ପୁନଶ୍ଚ ମହାଭାଗ କହିଲେ; ମୋତେ ମଦିନାରେ ଶୀଘ୍ର ପହଞ୍ଚିବାର ଅଛି । ତେଣୁ ତୁମମାନଙ୍କ ମଧ୍ୟରୁ ଯେ କେହି ମୋ ସାଥିରେ ଚାଲିବା ପାଇଁ ଇଚ୍ଛୁକ ସେ ଆଗେଇ ଆସୁ ।

ତବୁକ୍ ଯୁଦ୍ଧରୁ ପ୍ରତ୍ୟାବର୍ତ୍ତନ କରିବା ପରେ ହୁଜୁର[ସ.ଅ] କହିଲେ; **ମଦିନାରେ କିଛି ଏପରି ଲୋକ ଅଛନ୍ତି, ଯେତେବେଳେ ମଧ୍ୟ ତୁମେ କୌଣସି ଉପତ୍ୟାକା ଅତିକ୍ରମ କରୁଥିଲ ସେତେବେଳେ**

**ସେମାନେ ତୁମ ସହିତ ସାମିଲ ଥିଲେ ।** ସାହାବା ବେଶ ଆଚମ୍ଭିତ ହୋଇ ପ୍ରଶ୍ନ କଲେ ହୁଜୁର ! ସେମାନେ ମଦିନାରେ ଥିବା ଅବସ୍ଥାରେ ଆମ ସହିତ କିପରି ବା ସାମିଲ ହେଲେ ? ହଜରତ ମୁହମ୍ମଦ[ସ.ଅ] ଉତ୍ତର ଦେଲେ ନିଃସନ୍ଦେହରେ ସେମାନେ ମଦିନାରେ ଅଛନ୍ତି, କିନ୍ତୁ ବ୍ୟାଧିଗ୍ରସ୍ତ ଯୋଗୁଁ ସେମାନେ (ପ୍ରତ୍ୟକ୍ଷରେ) ତୁମ ସହିତ ସାମିଲ ହୋଇପାରି ନାହା'ନ୍ତି । ଆଉ ଏକ ବର୍ଣ୍ଣନା ଅନୁଯାୟୀ ମହାଭାଗ ଯେତେବେଳେ ମଦିନା ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ମହାଭାଗ ଅଲ୍ଲାଃତାଲାଙ୍କର କୃତଜ୍ଞତା ଜ୍ଞାପନ କରି କହିଲେ; ସକଳ ପ୍ରଶଂସା ସେହି ପରମ ସତ୍ତା ଅଲ୍ଲାଃଙ୍କ ସକାଶେ ଉଦ୍ଦିଷ୍ଟ, ଯିଏ ଆମମାନଙ୍କୁ ଏହି ଯାତ୍ରାରେ ପ୍ରତିଫଳ ସ୍ୱରୂପ ଅନେକ ପୁଣ୍ୟ ଓ ସୁଫଳ ପ୍ରଦାନ କଲେ । ଆଉ ଯେଉଁମାନେ ଏହି ଯାତ୍ରାରେ ସାମିଲ ହୋଇପାରି ନଥିଲେ, ବରଂ ମଦିନାରେ ରହିଯାଇଥିଲେ ଐଶ୍ୱର୍ଯ୍ୟମୟ ପ୍ରଭୁ ସେହି ପୁଣ୍ୟରେ ଆମମାନଙ୍କ ସହିତ ସେମାନଙ୍କୁ ମଧ୍ୟ ସାମିଲ କରିଦେଲେ । ଏଥିରେ ହଜରତ ଆଏଶା[ର.ଅ] କହିଲେ; ମହାଭାଗ ତ ଯାତ୍ରାର ଅନେକ କଷ୍ଟ ସହ୍ୟ କରିବା ଯୋଗୁଁ ଏହି ପୁଣ୍ୟ ଅର୍ଜନ କଲେ । କିନ୍ତୁ ଯେଉଁମାନେ ସେହି ଯାତନା ସହ୍ୟ କରି ନାହା'ନ୍ତି ସେମାନଙ୍କୁ କିପରି ଉକ୍ତ ପୁଣ୍ୟରୁ ଭାଗ ମିଳିଲା ? ଏହାର ଉତ୍ତର ଦେଇ ପୁଣ୍ୟଶ୍ଳୋକ କହିଲେ; ସେହି ଲୋକ ଯେଉଁମାନଙ୍କୁ ବ୍ୟାଧି ଆକ୍ରାନ୍ତ କରିଥିଲା, ଯାହା ଫଳରେ ସେମାନେ ପଛରେ ରହିଗଲେ, (ବାସ୍ତବରେ) ସେମାନେ ଆମର ସାଥୀ । **ଅଲ୍ଲାଃଙ୍କ ରାଣ ! ସେମାନଙ୍କ ଦୁଆ ଶତ୍ରୁ ଉପରେ ଆମର ଅସ୍ତ୍ର ଚାଳନା କରିବା ଅପେକ୍ଷା ଅଧିକ ପ୍ରଭାବଶାଳୀ ସାବ୍ୟସ୍ତ ହେଲା ।**

ହଜରତ ମୁହମ୍ମଦ[ସ.ଅ]ଙ୍କର ମଦିନା ଆଗମନ ସମୟରେ ସହରବାସୀ ବାହାରକୁ ବାହାରି ଆସିଲେ ଏବଂ କବିତା ପାଠ ଓ ଗୀତ ଗାଇ ମହାଭାଗଙ୍କୁ ସ୍ୱାଗତ ଜଣାଇ ସାଦରେ ପାଛୋଟି ନେଲେ । ଶେଷରେ ମହାମହିମ ହୁଜୁର ଅନୱର[ଅ.ବ] କହିଲେ; ଏହି ପରିପ୍ରେକ୍ଷୀରେ ନବୀଶ୍ରେଷ୍ଠ[ସ.ଅ]ଙ୍କ ପବିତ୍ର ଜୀବନୀର ଆଉ କିଛି ଘଟଣାବଳୀ ବାକି ରହିଛି, ଯାହାକି ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

21st November 2025

*Translated to Odia by :* Moulavi Anwar Ahmad Khan